# ପ୍ରଫେସର ସ୍ୱାମୀନଥନ୍‌ଙ୍କର ଦେହାନ୍ତ (୧୧.୨୦ ଘଟିକା, ସେପ୍ଟେମ୍ବର ୨୮, ୨୦୨୩)

ମନକମ୍ବୁ ସମ୍ବାଶିଭନ୍ ସ୍ୱାମୀନାଥନ୍, ଯିଏ ଏମ୍.ଏସ୍. ସ୍ୱାମୀନାଥନ୍ ଭାବରେ ସୁପରିଚିତ, ତଥା ଖ୍ୟାତନାମା କୃଷି ବୈଜ୍ଞାନିକ ତଥା ଭାରତୀୟ ସବୁଜ ବିପ୍ଳବର ଜନକଙ୍କ ଆଜି ତାଙ୍କ ବାସଭବନ ଚେନ୍ନାଇ ଠାରେ ଦେହାନ୍ତ ହୋଇଛି । ପ୍ରଫେସର ସ୍ୱାମୀନାଥନ୍ ଜଣେ ଉଦ୍ଭିଦ ଜେନେଟିକ୍ ବୈଜ୍ଞାନିକ ଏବଂ ଏମ୍.ଏସ୍. ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନର ପ୍ରତିଷ୍ଠାତା ଚେୟାରମ୍ୟାନ୍ ତଥା ମୁଖ୍ୟ ପରାମର୍ଶଦାତ୍ତା ଥିଲେ । ସିଏ ଚିରନ୍ତନ କୃଷି ପଦ୍ଧତି ତଥା 'ସବୁଜ ବିପ୍ଳବ' ରୁ 'ଚିର ସବୁଜ ବିପ୍ଳବ' ପଥରେ ଆଗେଇଯିବା ନିମନ୍ତେ ଦେଶକୁ ପ୍ରୋତ୍ସାହିତ କରି ବିଶ୍ୱ ଖାଦ୍ୟ ପ୍ରଣାଳୀର ସ୍ଥାୟିତ୍ୱ ସହ ସମସ୍ତଙ୍କ ପାଇଁ ଖାଦ୍ୟ ଏବଂ ପୋଷଣ ନିରାପତ୍ତା ନିଶ୍ଚିତତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ସେ କୃଷକ ନିମନ୍ତେ ଭାରତ ସରକାରଙ୍କ ଜାତୀୟ କୃଷକ ଆୟୋଗର ଚେୟାରମ୍ୟାନ୍ ବିଜ୍ଞାନ ଏବଂ ବିଶ୍ୱ ବ୍ୟାପାର ପଗଓ୍ୱାସ୍ କନ୍‌ଫରେନ୍ସ ର ସଭାପତି, ବିଶ୍ୱ ଖାଦ୍ୟ ସୁରକ୍ଷା କମିଟି (ସିଏଫ୍‌ଏସ୍) ର ଉଚ୍ଚ ସ୍ତରୀୟ ବିଶେଷଜ୍ଞ ପ୍ୟାନେଲ୍ ଚେୟାରମ୍ୟାନ୍ ଓ ସଦସ୍ୟ ଭାବରେ କାର୍ଯ୍ୟ ତୁଲାଇଥିଲେ । ସେ ଭାରତୀୟ ସଂସଦର (ରାଜ୍ୟସଭା) ର ସଦସ୍ୟ ଥିଲେ । ସେ ମଧ୍ୟ କୃଷି ଅନୁସନ୍ଧାନ ଏବଂ ଆନ୍ତର୍ଜାତୀୟ ଧାନ ଅନୁସନ୍ଧାନ ପ୍ରତିଷ୍ଠାନର ପୂର୍ବ ମହାନିର୍ଦ୍ଦେଶକ ଥିଲେ । ସେ ପ୍ରଥମ ବିଶ୍ୱ ଖାଦ୍ୟ ପୁରସ୍କାର ସହିତ ଅନ୍ୟାନ୍ୟ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରୀୟ ପୁରସ୍କାର ପ୍ରାପ୍ତ କରିଥିଲେ । ତାଙ୍କର କୃଷି ଏବଂ ଖାଦ୍ୟ ସୁରକ୍ଷାରେ ଅନୁଦାନ ଓ ନେତୃତ୍ୱ ନିମନ୍ତେ 'ପଦ୍ମ ବିଭୂଷଣ' ଓ ରମଣ ମେଗାସୟାୟ ପୁରସ୍କାର ପାଇଥିଲେ ।

ସେ ତାଙ୍କର ତିନଟି ଝିଅ ଡଃ. ସୌମ୍ୟା ସ୍ୱାମୀନଥନ୍ (ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପ୍ରମୂଖ ବୈଜ୍ଞାନିକ ତଥା ନିର୍ଦ୍ଦେଶିକା), ଶ୍ରୀମତୀ ମଦୁରା ସ୍ୱାମୀନାଥନ୍ ଏବଂ ପ୍ରଫେସର ନିତ୍ୟା ରାଓ ଏବଂ ତାଙ୍କ ପତ୍ନୀ ମୀନା ସ୍ୱାମୀନଥନ୍ (ଭାରତୀୟ ଶିକ୍ଷାବିତ୍ ଏବଂ ମହିଳା ଓ ଶିଶୁ ବିକାଶ ଯୋଜନାର ପ୍ରମୂଖ) ଙ୍କୁ ଦେଶର ପ୍ରଗତିରେ ଅବଦାନ କରିବା ନିମନ୍ତେ

ପ୍ରଭାବିତ କରିଥିଲେ । ସେ ଅଗଷ୍ଟ ୭ ତାରିଖ ୧୯୨୫ ରେ ପିତା ଡଃ. ଏମ୍. କେ. ସ୍ୱାମୀନାଥନ୍ (ଜଣେ ସର୍ଜନ୍) ଓ ଶ୍ରୀମତୀ ପାର୍ବତୀ ଥାଙ୍ଗମାଲ ଙ୍କ କୋଳରେ କୁମ୍ଭାକନମ୍ ସ୍ଥାନରେ ଜନ୍ମଗ୍ରହଣ କରିଥିଲେ । ସେଠାରେ ତାଙ୍କର ଭବ ବିଦ୍ୟାଳୟ ଶିକ୍ଷା ପ୍ରାପ୍ତ ହୋଇଥିଲେ । କୃଷି ବିଜ୍ଞାନ ପ୍ରତି ତାଙ୍କର ପ୍ରବଳ ଆଗ୍ରହ ଏବଂ ସ୍ୱାଧିନତା ଅନ୍ଦୋଳନରେ ପିତାଙ୍କ ଅଂଶଗ୍ରହଣ ଏବଂ ମହାତ୍ମା ଗାନ୍ଧୀଙ୍କ ପ୍ରଭାବ ତାଙ୍କୁ ଏହି ବିଷୟରେ ଭବ ଅଧ୍ୟୟନ କରିବାକୁ ପ୍ରେରଣା ଦେଇଥିଲ । ସେ କୋଏମ୍ବାଟୁର୍ ତାମିଲ୍‌ନାଡୁ କୃଷି ବିଶ୍ୱ ବିଦ୍ୟାଳୟ ଓ କୃଷି ମହାବିଦ୍ୟାଳୟରୁ ଦୁଇଟି ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ ।

ସବୁଜ ବିପ୍ଲବ ର ସଫଳତା ପାଇଁ ପ୍ରଫେସର୍ ସ୍ୱାମୀନାଥନ୍ ଭାରତର ବହୁ ପୂର୍ବତନ ପ୍ରଧାନ ମନ୍ତ୍ରୀ ଏବଂ ରାଜ୍ୟ ମୁଖ୍ୟ ବ୍ୟକ୍ତିଗତଙ୍କ ସହ ଜଡ଼ିତ ହୋଇ କାର୍ଯ୍ୟ କରିଥିଲେ । ଯାହା ଖାଦ୍ୟ ଉତ୍ପାଦନରେ ବୈପ୍ଳବିକ ପରିବର୍ତ୍ତନ ଏବଂ କ୍ଷୁଧାମୁକ୍ତ ଭାରତ ତଥା ବିଶ୍ୱ ପାଇଁ ପଥ ପ୍ରସ୍ତୁତ କରିଥିଲେ । ନିରନ୍ତର କୃଷି ପ୍ରତି ତାଙ୍କର ଓକିଲାତି ତାଙ୍କୁ ନିରନ୍ତର ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଏକ ସ୍ୱୀକୃତିପ୍ରାପ୍ତ ବିଶ୍ୱ ଅଗ୍ରଣୀ ନେତା ଭାବରେ ପରିଚିତ କରିଥିଲା । ସେ ଆମେରିକାର ଖାତନାମା ବୈଜ୍ଞାନିକ ନରମାନ ବୋରଲାଗ୍ (ନୋବେଲ୍ ପୁରସ୍କାର ବିଜେତା, ୧୯୭୦) ଙ୍କ ସହ ଏକାଠି କାର୍ଯ୍ୟକରି ଅଧିକ ଉତ୍ପାଦନକ୍ଷମ ଗହମ ବିହନ ଉତ୍ପାଦନରେ ଅବଦାନ କରିଥିଲେ ।

**ତାଙ୍କ ଲେଖନୀରୁ ପଦେ:**

ଆମର ଅଗ୍ରଗତିର ପରିକ୍ଷଣ – *"ଯେଉଁମାନଙ୍କ ପାଖରେ ଅଧିକ ଅଛି, ସେମାନଙ୍କ ପାଇଁ ଆମେ ଅଧିକ ଯୋଗ କରୁ କି ନାହିଁ? **ତାହା ନୁହେଁ** – ବରଂ ଯେଉଁମାନଙ୍କ ପାଖରେ ଅଳ୍ପ ଅଛି ସେମାନଙ୍କୁ ଯଥେଷ୍ଟ ଯୋଗାଉଛୁ କି ନାହିଁ?"*

**ଏମ୍.ଏସ୍. ସ୍ୱାମୀନାଥନ୍**